POSCO-India

## ପ୍ରେସ ନୋଟ୍

# ନୂଆଦିଲ୍ଲୀ ରେ ପୋସ୍କୋ ୟୁଥ୍ ବିଲ୍ଡ କାର୍ଯ୍ୟକ୍ରମ

ପୋସ୍କୋ ଏବଂ ଭାରତର ହାବିଟାଟ୍ ଫର୍ ହ୍ୟୁମାନିଟି ସଂସ୍ଥା ମିଳିତ ଭାବରେ ନୂଆଦିଲ୍ଲୀ ଠାରେ ଜାନୁୟାରୀ ୨୦୦୮ ରେ ୭୦ ଟି ବାସଗୃହ ନିର୍ମାଣ ପାଇଁ ଯୋଜନା ପ୍ରସ୍ତୁତ କରିଛନ୍ତି। 'ନୋ-ରୁଫ୍ ଅଭିଯାନ - ପୋସ୍କୋ ୟୁଥ୍ ବିଲ୍ଡ' କାର୍ଯ୍ୟକ୍ରମ ଅନ୍ତର୍ଗତ ଏହି କାର୍ଯ୍ୟକ୍ରମରେ ପ୍ରାରମ୍ଭିକ ଭାବରେ ୪୦ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଦକ୍ଷିଣ କୋରିଆ ବିଶ୍ୱବିଦ୍ୟାଳୟ ଏବଂ ଭାରତୀୟ ବିଶ୍ୱବିଦ୍ୟାଳୟଗୁଡିକର ୧୦୦ ଜଣ ଛାତ୍ରଛାତ୍ରୀ ଜାନୁୟାରୀ ୨୨, ୨୦୦୮ରୁ ଆରମ୍ଭ କରି ୧୦ ଦିନ ପାଇଁ ସ୍ୱେଚ୍ଛାସେବୀ ଭାବରେ କାର୍ଯ୍ୟ କରିବେ। ସ୍ୱେଚ୍ଛାକୃତ ଶ୍ରମ ଦାନ କରି ତଥା ହାବିଟାଟ୍ ର ପାଣ୍ଠି ବ୍ୟବସ୍ଥାକୁ ବ୍ୟବହାର କରି ଏହି ସ୍ୱେଚ୍ଛାସେବୀମାନେ ଗରିବ ଲୋକମାନଙ୍କ ପାଇଁ ସେମାନଙ୍କ ଜମିରେ ଗୃହନିର୍ମାଣ କରିବେ।

ପ୍ରାଥମିକ ପର୍ଯ୍ୟାୟରେ ଏହି ନିର୍ମାଣ କାର୍ଯ୍ୟ ଜଗତସିଂହପୁର ଠାରେ କରାଯିବାର ଯୋଜନା ରହିଥିଲା, କିନ୍ତୁ ସେଠାକାର ଆଇନଶୃଙ୍ଖଳା ପରିସ୍ଥିତି ନେଇ ହାବିଟାଟ୍ ଫର୍ ହ୍ୟୁମାନିଟି ପକ୍ଷରୁ ଉଦ୍‌ବେଗ ପ୍ରକାଶ କରାଯିବା ଯୋଗୁଁ ଏହା ଦିଲ୍ଲୀକୁ ସ୍ଥାନାନ୍ତରିତ କରାଯାଇଛି।

ବିଶ୍ୱବ୍ୟାପୀ, ବିଶେଷ କରି ଭାରତରେ କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟକ୍ରମ ପାଇଁ ପ୍ରତିଶ୍ରୁତିବଦ୍ଧ ଥିବା ପୋସ୍କୋ, ଗତବର୍ଷ ମହାରାଷ୍ଟ୍ରର ଲୋନାଓ୍ୱଲା ଠାରେ ହୋଇଥିବା ଜିମ୍ମି କାର୍ଟର ଓ୍ୱାର୍କ ପ୍ରୋଜେକ୍ଟ – ୨୦୦୬ (ଜେସିଡବ୍ଲ୍ୟୁପି ୦୬) ଅନ୍ତର୍ଗତ ହାବିଟାଟ୍ ଫର୍ ହ୍ୟୁମାନିଟି ର ଇଣ୍ଡିଆ-ବିଲ୍ଡ ଅଭିଯାନରେ ରୌପ୍ୟ ପ୍ରଯୋଜକ ଭାବରେ ଅଂଶଗ୍ରହଣ କରିବା ସହିତ ସ୍ୱେଚ୍ଛାସେବୀ ସହାୟତା ଯୋଗାଇ ଦେଇଥିଲା।

---

**PR Department**
POSCO-India Pvt. Ltd.
5th Floor, Fortune Towers, Chandrasekharpur
Bhubaneswar – 751023, Orissa